

୧୮ ବର୍ଷ ● ୧ମ ସଂଖ୍ୟା ● ଜୁଲାଇ ୨୦୧୭


| | | |
|---|---|---|
| ଆଳାପ | : | ସୁନାଝିଅ ସୋନିକା |
| ପ୍ରସଙ୍ଗ | : | ରାଜନୀତି ଓ ସାହିତ୍ୟ |
| ପ୍ରସଙ୍ଗ | : | ସାହିତ୍ୟ ଓ ରାଜନୀତିର ଯୁଗଳଯାତ୍ରା |
| ପ୍ରସଙ୍ଗ | : | ସମକାଳୀନ କବିତାରେ ରାଜନୀତି ପ୍ରସଙ୍ଗ |
| ପ୍ରସଙ୍ଗ | : | ରାଜନୀତି ଓ ଓଡ଼ିଆ ଉପନ୍ୟାସ |
| ସାହିତ୍ୟ | : | ୧୨ଟି ଗଳ୍ପ, ୮ଟି କବିତା |
| ନିୟମିତ | : | ରାଶିଫଳ, ଆମ ରୋଷେଇ, ଘରକରଣା ଓ ଅନ୍ୟାନ୍ୟ ବିଭାଗ। |


## ଆଳାପ : ସୁନାଝିଅ ସୋନିକା

ଆସନ୍ତା ନଭେମ୍ବର ମାସରେ ଫିଲିପାଇନ୍ସରେ ଅନୁଷ୍ଠିତ ହେବ 'ମିସ୍ ଇଣ୍ଡିଆ ଏସିଆ ପାସିଫିକ୍ ଇଣ୍ଟରନ୍ୟାସ୍‌ନାଲ୍-୨୦୧୭'। ଏହି ପ୍ରତିଯୋଗିତାରେ ଭାରତକୁ ପ୍ରତିନିଧିତ୍ୱ କରିବେ ଓଡ଼ିଆ ଝିଅ ସୋନିକା ରାୟ। ଏହା ଓଡ଼ିଶା ପାଇଁ ଗର୍ବ ଆଉ ଗୌରବର ବିଷୟ। ଆଖିରେ ତାଙ୍କର ଆଖିଏ ସ୍ୱପ୍ନ; ର୍‍ୟାମ୍ପରେ ଚାଲିବେ ଏବଂ ଅନ୍ୟ ପ୍ରସିଦ୍ଧ ମଡେଲ୍‌ଙ୍କ ଭଳି ନିଜ ତଥା ରାଜ୍ୟ ଓ ଦେଶ ପାଇଁ କ୍ରାଉନ୍ ଜିତିବେ। ସେ ମୁମ୍ବାଇରେ ଛ' ମାସିଆ କୋର୍ସ ବି କଲେ। କିନ୍ତୁ ଅଳ୍ପ ବୟସରେ ମା' ଓ ଗତବର୍ଷ ବାପାଙ୍କୁ ହରାଇ ଏକା ହୋଇଗଲେ ସୋନିକା। ତଥାପି ନିଜ ଆତ୍ମବିଶ୍ୱାସ ହରାଇନାହାନ୍ତି ସେ। ଆଗେଇ ଚାଲିଛନ୍ତି ନିଜ ଲକ୍ଷ୍ୟପଥରେ। ୨୦୧୪ରେ ମଡେଲିଂ ଦୁନିଆରେ ପାଦ ଦେଇଥିବା ସୋନିକା ସେହି ବର୍ଷ ମିସ୍ ଓଡ଼ିଶା ଇଣ୍ଡିଆ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କଲେ। ଏହାପରେ ସେ ୨୦୧୫ ଓ ୨୦୧୭ରେ ଏଫ୍‌ବିବି ଫେମିନା ମିସ୍ ଇଣ୍ଡିଆ ସୁନ୍ଦରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଶ୍ରେଷ୍ଠ ୧୨ ଜଣଙ୍କ ଭିତରେ ସ୍ଥାନ ପାଇଲେ। କେବଳ ସେତିକି ନୁହେଁ; ଅଭିନୟରେ ବି ରହିଛି ତାଙ୍କର ସ୍ୱାକ୍ଷର। ଓଡ଼ିଆ ଚଳଚ୍ଚିତ୍ର 'ରଙ୍ଗିଲାବାବା'ରୁ ନିଜ ଅଭିନୟ ଜୀବନ ଆରମ୍ଭ କରିଥିବା ସୋନିକା ଏ ପର୍ଯ୍ୟନ୍ତ ତାମିଲ (ରିଚି), ତେଲୁଗୁ (ସୀତା କଲ୍ୟାଣମ୍) ଚଳଚ୍ଚିତ୍ରରେ ଅଭିନୟ କରିସାରିଛନ୍ତି। ଆଗକୁ ଆସୁଛି ତାଙ୍କର ଅନ୍ୟ ଏକ ଓଡ଼ିଆ ଚଳଚ୍ଚିତ୍ର 'ମୋ ଜୀବନ ତୁ ହି ତୁ'। ଅଭିନୟ ସହ ମଡେଲିଂରେ ବହୁ ଆଗକୁ ଯିବା ପାଇଁ ସ୍ୱପ୍ନ ଦେଖୁଥିବା ସୋନିକା ଚଳିତ ଜୁଲାଇ ମାସ 'କାଦମ୍ବିନୀ' ସ୍ୱତନ୍ତ୍ର ସଂଖ୍ୟାର ପ୍ରଚ୍ଛଦ ପୃଷ୍ଠା ମଣ୍ଡନ କରିଛନ୍ତି। ଏହି ଅବସରରେ ତାଙ୍କ ସହିତ କିଛି ଆଳାପ। ସାକ୍ଷାତ ଓ ଉପସ୍ଥାପନା: କେଦାର ପୃଷ୍ଟି

## ପ୍ରସଙ୍ଗ: ରାଜନୀତି ଓ ସାହିତ୍ୟ

### ରାଜନୀତି ଓ ସାହିତ୍ୟ

### ଲେଖକ : ହରପ୍ରସାଦ ଦାସ

କେହି କେବେ ଭାବିନାହାନ୍ତି ଯେ ଗଣତନ୍ତ୍ରର ଯେକୌଣସି ବ୍ୟାଖ୍ୟାର ସାହିତ୍ୟ ସମଦର୍ଶିତା, ସମାଧିକାର ଓ ସ୍ୱାଧିକାରର। ଯଦିଓ ଯା'ର ଅଭୀଷ୍ଟ ଶକ୍ତି ଆହରଣ। ମନେ କରାଯାଏ ଯେ ଶକ୍ତି ଆହରଣ ଓ ସାହିତ୍ୟ-ବାଚନ ପରସ୍ପରଠାରୁ ଅଲଗା। ବସ୍ତୁତଃ ଏହି ବିଭ୍ରାନ୍ତି ଫଳରେ ରାଜନୀତିରୁ ସାହିତ୍ୟ ହଟିଯାଇଚି ଓ ସାହିତ୍ୟ ପାଇଁ ରାଜନୀତି ଅପ୍ରାସଙ୍ଗିକ ହୋଇଯାଇଚି। ଏ ବିଭ୍ରାନ୍ତିର କାରଣ ସଭ୍ୟତାର ବିକାଶରେ, କେତେକ ବିକୃତିରେ, ରାଜନୀତିର ପ୍ରୟୋଗରେ କେତେକ ପ୍ରମାଦରେ ଓ ସାହିତ୍ୟର ବିସ୍ତାରରେ କେତେକ ବିଚ୍ୟୁତିରେ।

## ପ୍ରସଙ୍ଗ: ରାଜନୀତି ଓ ସାହିତ୍ୟ

### ସାହିତ୍ୟ ଓ ରାଜନୀତିର ଯୁଗଳଯାତ୍ରା

### ଲେଖକ : ବିଜୟ ନାୟକ

ଉଭୟ ସାହିତ୍ୟ ଓ ରାଜନୀତିର କ୍ଷେତ୍ର ବ୍ୟାପକ ଓ ବନ୍ଧନୀହୀନ। ଏହି ଦୁଇ କ୍ଷେତ୍ରରେ କାହାର ପ୍ରବେଶ ନିଷିଦ୍ଧ ନୁହେଁ। କବି ନେତା ହେଲେ କ୍ଷତି ନାହିଁ, କ୍ଷତି ନାହିଁ ନେତା ଯଦି ସ୍ୱଭାବତଃ କବି। କିନ୍ତୁ ସାହିତ୍ୟ ଭିତରେ ରାଜନୀତିର ଅନୁପ୍ରବେଶ ଏବଂ ରାଜନୀତି ପାଇଁ ସାହିତ୍ୟକୁ ଢାଲ କରିବାର ପ୍ରୟାସ କଦାପି ସ୍ପୃହଣୀୟ ନୁହେଁ।

## ପ୍ରସଙ୍ଗ: ରାଜନୀତି ଓ ସାହିତ୍ୟ

### ସମକାଳୀନ କବିତାରେ ରାଜନୀତି ପ୍ରସଙ୍ଗ

### ଲେଖକ : ଶତ୍ରୁଘ୍ନ ପାଣ୍ଡବ

ଯେଉଁ କାବ୍ୟଶିଳ୍ପୀମାନେ ଦେଶ, ମାଟି, ମଣିଷ ଓ ସମକାଳର ବିଶ୍ୱ ସମୁଦାୟରେ ଘଟୁଥିବା ଗୁରୁତ୍ୱପୂର୍ଣ୍ଣ ଘଟଣାମାନଙ୍କ ସଂପର୍କରେ ବକ୍ତବ୍ୟମାନ ରଖିଛନ୍ତି ସେଠି ଅନିବାର୍ଯ୍ୟ ଭାବେ ସମକାଳୀନତା ମୂର୍ତ୍ତିମନ୍ତ ହୋଇଛି। ସମୟ, ସ୍ଥାନ, ଚରିତ୍ର ବିଶେଷ ସର୍ବୋପରି ସମାଜ-ରାଜନୀତିକ ପ୍ରସଙ୍ଗ ରୂପ ପାଇଛି। ବାସ୍ତବରେ ସମକାଳୀନତା ସହିତ ହିଁ ଥାଏ ସମାଜ-ରାଜନୀତିକ ଚିନ୍ତନ ବା ପ୍ରସଙ୍ଗ। ପ୍ରଥମତଃ ବିଶ୍ୱ ଭୂଗୋଳ-ଇତିହାସ, ଦ୍ୱିତୀୟତଃ ଦେଶର ସମସ୍ୟା ସଂକଟ ଏବଂ ଶେଷତଃ ସ୍ଥାନୀୟ ବା ଆଞ୍ଚଳିକ ଭୂମିର ଘଟଣା ଓ ପ୍ରସଙ୍ଗ। ଆମେ ଜାଣୁ ସମକାଳୀନତା ହିଁ ତତ୍କାଳର ସମାଜ-ରାଜନୀତିକ ଦୃଶ୍ୟପଟ ଯାହା ପରେ ଇତିହାସରେ ପରିଣତ ହୁଏ।

**ପ୍ରସଙ୍ଗ: ରାଜନୀତି ଓ ସାହିତ୍ୟ**

**ରାଜନୀତି ଓ ଓଡ଼ିଆ ଉପନ୍ୟାସ**

**ଲେଖକ : ଆଲୋକ ବରାଳ**

ଓଡ଼ିଆରେ ଲିଖିତ ପ୍ରାୟ ସାମାଜିକ ଉପନ୍ୟାସରେ ରାଜନୀତିକ ବାତାବରଣ ଓ ବ୍ୟାଖ୍ୟାକୁ ଦେଖିହେବ: ତତ୍‌ସହିତ ଓଡ଼ିଆରେ ଲିଖିତ ଅନେକ ଜୀବନୀମୂଳକ ଉପନ୍ୟାସ, ଯେଉଁମାନଙ୍କର ରାଜନୀତିକ ସଂପୃକ୍ତି ରହିଥିଲା ସେସବୁରେ ମଧ୍ୟ ଭରପୂର ରହିଛି ରାଜନୀତିକ ଅନ୍ତର୍ଦୃଷ୍ଟି ଓ ବ୍ୟାଖ୍ୟା। ସେହିଭଳି ଅନେକ ରାଜନୀତିକ ଇତିହାସର ପ୍ରେକ୍ଷାରେ ରଚିତ ଉପନ୍ୟାସର ବଳୟ ଭିତରେ ମଧ୍ୟ ସେହି ସମଧରଣର ସମସ୍ୟା ଆସି ଦଣ୍ଡାୟମାନ ହୋଇଥାଏ।

**ପ୍ରସଙ୍ଗ: ରାଜନୀତି ଓ ସାହିତ୍ୟ**

**ରାଜନୀତି, ସାହିତ୍ୟ ଓ ମୋ ଦୁନିଆ**

ରାଜନୀତି ଓ ସାହିତ୍ୟ, ଗୋଟିଏ ଜନସେବାର କ୍ଷେତ୍ର ତ ଅନ୍ୟଟି ସୃଜନ କ୍ଷେତ୍ର। ସାମାଜିକ ପରିପ୍ରେକ୍ଷୀରେ ଦୁଇଟିଯାକର ସ୍ଥାନ ଉଚ୍ଚରେ। ଉଭୟର ଲକ୍ଷ୍ୟ ଶୃଙ୍ଖଳିତ ସମାଜ ଗଠନ ଓ ସମାଜର ହିତସାଧନ। ତେବେ ସାହିତ୍ୟ ସୃଜନର ବିଷୟ ହୋଇଥିବାରୁ ବ୍ୟକ୍ତି ସାହିତ୍ୟ ସମ୍ପର୍କିତ ହେଲେ ଅଧିକ ଭଦ୍ର, ମାର୍ଜିତ, ବିବେକୀ ଓ ସର୍ଜନଶୀଳ ହୋଇଥାଏ। ରାଜନୀତି କ୍ଷମତା ସମ୍ପର୍କିତ ବିଷୟ ହୋଇଥିବାରୁ ବ୍ୟକ୍ତି କଳୁଷିତ ହୋଇଯିବାର ଆଶଙ୍କା ଥାଏ ! ଏହି ଆଶଙ୍କାକୁ ଦୂର କରିବାରେ ସାହିତ୍ୟ ଅନେକାଂଶରେ ସଫଳ ହୋଇଥାଏ। କହିଲେ ଅତ୍ୟୁକ୍ତି ହେବନାହିଁ, ରାଜନୀତିକୁ ଉଚିତ ମାର୍ଗଦର୍ଶନ ଦେବାରେ ସାହିତ୍ୟ ସହାୟକ ହୋଇଥାଏ। ରାଜନୀତିରେ ସାହିତ୍ୟର ସ୍ପର୍ଶ ରହିଲେ ଏହା ଅଧିକ ମହକିତ ବା ଉଜ୍ଜ୍ୱଳି ଉଠିଥାଏ। କଳା, ସାହିତ୍ୟ ଓ ସଂସ୍କୃତିର ରାଜ୍ୟ ଓଡ଼ିଶାର ବହୁ ରାଜନେତା ସାହିତ୍ୟ ସହ ସମ୍ପର୍କିତ। କୁଳବୃଦ୍ଧ ମଧୁସୂଦନ ଦାସଙ୍କଠାରୁ ଆରମ୍ଭକରି ବର୍ତ୍ତମାନର ବିଧାୟକ ଅରୁଣ କୁମାର ସାହୁଙ୍କ ପର୍ଯ୍ୟନ୍ତ ଏ ଧାରା ପ୍ରଲମ୍ବିତ। ତନ୍ମଧ୍ୟରୁ ଅନେକେ ଆଜନ୍ମ ସାହିତ୍ୟିକ ତ ପରବର୍ତ୍ତୀ ସମୟରେ ସେମାନଙ୍କ ସହ ଯୋଡ଼ିହୋଇଯାଇଛି ରାଜନୀତି; ପୁଣି ଅନେକେ ଉଭୟ ରାଜନୀତି ଓ ସାହିତ୍ୟକୁ ସାଙ୍ଗରେ ଧରି ବାଟ ଚାଲୁଛନ୍ତି। ସେମାନଙ୍କ ପାଇଁ ଗୋଟିଏ ବୃତ୍ତି ହେଲେ ଅନ୍ୟଟି ବ୍ରତ। ବୃତ୍ତି ଓ ବ୍ରତକୁ ସମାନ ଗୁରୁତ୍ୱ ଦେଇ ସଫଳତାର ଉଦାହରଣ ସୃଷ୍ଟି କରିଥିବା କେତେଜଣ ରାଜନେତାଙ୍କୁ ଭେଟି 'କାଦମ୍ବିନୀ' ଜାଣିବାକୁ ଚାହିଁଥିଲା ସେମାନଙ୍କର ରାଜନୀତି ଓ ସାହିତ୍ୟ ଜୀବନର କଥା। ସେମାନଙ୍କ ମୁହଁରେ ସେମାନଙ୍କ ବୃତ୍ତି ଓ ବ୍ରତର କଥା ଏଥର 'କାଦମ୍ବିନୀ'ରେ। ସାକ୍ଷାତ ଓ ଉପସ୍ଥାପନା: ଅମିତାଭ ଖିଲାର

**ଗଳ୍ପ: ଧର୍ମଶାଳା**

**ଲେଖକ : ହରେକୃଷ୍ଣ ମହତାବ**

ରାଧାମୋହନ ଗମ୍ଭୀର ହୋଇଯାଇ କହିଲେ, "ଦେଖ୍ ଚିନ୍ତାମଣି, ତୁ ତ ଏଠି ପ୍ରାୟ ଦୁଇବର୍ଷ ହେଲା ନ ଥିଲୁ। ତୋ ସାଙ୍ଗରେ ମୋର ଦେଖା ପ୍ରାୟ ବର୍ଷକ ପରେ। ଏଣୁ ତୁ ଜାଣିନାହୁଁ ମୋଠି ସେ ପରିବର୍ତ୍ତନ ଘଟିଛି। ବର୍ତ୍ତମାନ ମୁଁ ରାଜନୀତିରେ ନାହିଁ ବୋଲି କହିବାଟା ଠିକ୍ ହେବ ନାହିଁ। ବର୍ତ୍ତମାନ ରାଜାନୀତି ମୋତେ ଫୋପାଡ଼ିଦେଇଛି।

**ଗଳ୍ପ: ପ୍ରେମର ପରିମାପକ**

**ଲେଖକ: ନିତ୍ୟାନନ୍ଦ ମହାପାତ୍ର**

ଏ ବର୍ଷ ବିଶ୍ୱରୂପ ଏକ ଅଭିନବ ଯନ୍ତ୍ରର ଆବିଷ୍କାରକ। ବାତ, ପିତ୍ତ ଓ କଫର ବୈଷମ୍ୟରେ ରୋଗର ଉତ୍ପତ୍ତି। କିନ୍ତୁ କୌଣସି ଗୋଟିକର ପ୍ରାବଲ୍ୟ ବା ଦୌବଲ୍ୟର ହେତୁ, ତା'ରି ନିଶ୍ଚିତ ମତରେ, ଚନ୍ଦ୍ର ଏବଂ ସୂର୍ଯ୍ୟ ସହିତ ଇଡ଼ା ଏବଂ ପିଙ୍ଗଳାର ଅସାମଞ୍ଜସ୍ୟ। ଏହି ନବାବିଷ୍କୃତ ଯନ୍ତ୍ର ସାହାଯ୍ୟରେ ସେ ଏହା ପ୍ରମାଣ କରି ବିଜ୍ଞାନ ଜଗତକୁ ଚମତ୍କୃତ କରିଚି। ମଣିବନ୍ଧସ୍ଥ ନାଡ଼ି ଉପରେ ଏହି ଯନ୍ତ୍ର ସ୍ଥାପନ କଲେ ଶିରାର ରକ୍ତ ପ୍ରବାହ ସ୍ୱଷ୍ଟ ଜଣାଯାଏ। ଯନ୍ତ୍ରର ସୂକ୍ଷ୍ମ ପ୍ରୟୋଗରେ ରକ୍ତଚାପ ଓ ତରଙ୍ଗର ହ୍ରାସ ବୃଦ୍ଧି ବୁଝାଯାଏ। ସୂକ୍ଷ୍ମତର ପ୍ରୟୋଗରେ ବାତ, ପିତ୍ତ ଓ କଫର ବୈଷମ୍ୟ ବିଭିନ୍ନ ବର୍ଣ୍ଣଭେଦରେ ଲକ୍ଷିତ ହୁଏ। ସୂକ୍ଷ୍ମତମ ପ୍ରୟୋଗରେ ଚନ୍ଦ୍ର ଏବଂ ସୂର୍ଯ୍ୟର ଗତି ସହିତ ହୃଦ୍‌ବାୟୁର ପରିଚାଳନା ଏବଂ ନାଡ଼ିନ୍ତ୍ରୟ ସହିତ ତା'ର ସମ୍ପର୍କ ସ୍ୱଷ୍ଟ ପ୍ରତୀୟମାନ ହୁଏ।

**ଗଳ୍ପ: ସେବତୀର ଶବ**

**ଲେଖକ: ଗୋଦାବରୀଶ ମିଶ୍ର**

ତଥାପି ସେ ପୁଣି କହିଲା, "ଆମେ ନଥିଲା ଲୋକ, ହେଲେ,  ମୁଁ ନିତେଇ ଗୁମାନ ସିଂହ ପୁଅ, ଆଉ ତୁ ରାଧୁ ହରିଚନ୍ଦନ ନାତୁଣୀଟି। ଏଇ କଥାଟା ମନେ ରଖିଥିବୁ। କୋଟା କୁଟିବୁ, ବାରିରେ ଶାଗ କିଆରି ହାଣିବୁ; ପିଲା ଦି'ଟାଙ୍କା ତୁଣ୍ଡରେ ତୋକ ଦବୁ। ପେଟ ବିକଳରେ ବିଲବାରିରେ କାମ କରିବାକୁ ବାହାରି ପଡ଼ିବୁ ନାଇଁଟି। ଲୋକେ ଛି ଛି କରିବେ। ଆମର ପରା ଖଣ୍ଡେଇତ ଘର। ଘରେ ପଛକେ ଚୁଲି ନଜଳୁ ବାହାରକୁ ନାଁ'ଟାତ ବଡ଼। ମୁଁ ଯାଉଚି,  ଗଦେଇ ବୋଉ।"

**ଗଳ୍ପ: ଶ୍ରୀକୃଷ୍ଣଙ୍କ ଶେଷ ହସ**

**ଲେଖକ: ସୁରେନ୍ଦ୍ର ମହାନ୍ତି**

"ମହାରାଜ, ଦିନେ ଆପଣଙ୍କ ପାଇଁ ମୁଁ ଆଖିରେ ସ୍ୱହସ୍ତରେ ବାନ୍ଧିଥିଲି ଏଇ ଅନ୍ଧପଟିକା। ସେହି ବନ୍ଧନର ଦୁଶ୍ଛେଦ୍ୟଗ୍ରନ୍ଥି ଆଜି ସ୍ୱହସ୍ତରେ ଛିନ୍ନ କରିଦିଅନ୍ତୁ ମହାରାଜ ! ଶତପୁତ୍ରର ଜନନୀ ମୁଁ, ଜୀବିତରେ ଯେଉଁମାନଙ୍କୁ ଦେଖି ନାହିଁ, ଆଜି ଅନ୍ତତଃ ମୃତ୍ୟୁର ଶେଷ ଶଯ୍ୟାରେ ସେମାନଙ୍କୁ ଥରେ ଦେଖି ନୟନର ଜ୍ୱାଳା ଶାନ୍ତ କରେ !"

**ଗଳ୍ପ: ଭସାମେଘ**

**ଲେଖକ: ନନ୍ଦିନୀ ଶତପଥୀ**

"ମୋ ମୁଣ୍ଡ ଆଉ କିଛି ଗୋଳମାଳ ନାହିଁ ବାପା। ଡାକ୍ତରବାବୁ ଘରକୁ କେତେ ଚିଠି ଲେଖିଲେଣି। ସେମାନେ କେହି ମତେ ନେବାକୁ ଆସୁ ନାହାନ୍ତି। ତୁ ଆଜି ଡାକ୍ତରଙ୍କୁ କହି ମତେ ଏଠୁ ନେଇ ଯା'। ମୁଁ ତୋ ପାଖରେ ରହିବି- ତମର ସବୁ କାମ କରିବି। କିଛି ତମକୁ ମାଗିବି ନାହିଁ। ମୋର ଆଉ କ'ଣ ବା ଦରକାର ? ତୋରି ପାଇଁ କାନ୍ଦୁଥିଲି ବୋଲି ସେମାନେ କହିଲେ ପାଗଳୀ ହେଇଗଲି ବୋଲି। ଏବେ ତୁ ତ ମୋର ପାରିଗଲୁଣି। ଜଗନ୍ନାଥ ତୋର ବଡ଼ତିରୁ ବଡ଼ତି କରିବେ, ମୋତେ ଏଠୁ ନେଇଯାଆ ମୋ ମନ।"

**ଗଳ୍ପ: ପିତାପୁତ୍ର**

**ଲେଖକ: ସେକ୍ ମତଲୁବ୍ ଅଲ୍ଲି**

ମହାରାଜ ଶୁଦ୍ଧୋଦନଙ୍କର ନୟନପିତୁଳା- ସବୁ ସ୍ୱପ୍ନ, ସମ୍ଭାବନାର ଆଧାର କୁମାର ରାହୁଳଙ୍କୁ ଦଶବର୍ଷ ପୂର୍ଣ୍ଣ ହୋଇଛି। କୁମାର ରାହୁଳଙ୍କୁ ନେଇ ଯଶୋଧାରାଙ୍କର ଅଜସ୍ର ସ୍ୱପ୍ନ-କେତେ କଳ୍ପନା- ସେସବୁର ଶେଷ ନାହିଁ। ସେ ସ୍ଥିର ନିଶ୍ଚିତ ଯେ, ଦିନେ ନା ଦିନେ ପିତାପୁତ୍ରଙ୍କର ସାକ୍ଷାତ ହେବ, ଆଉ ସେହି ଦିନ ହେବ ତଥାଗତ ବୁଦ୍ଧଙ୍କର ଶ୍ରମଣ ଜୀବନର ସବୁଠାରୁ କଠିନ ପରୀକ୍ଷା... ! !

**ଗଳ୍ପ: ବିପ୍ଲବର ସ୍ୱର**

**ଲେଖକ: କାର୍ତ୍ତିକେଶ୍ୱର ପାତ୍ର**

ଏସ.ପି.ଙ୍କ ପାଖରେ ଏ ଖବର ପହଞ୍ଚିଲା। ଏସ.ପି. ସଙ୍ଗେସଙ୍ଗେ ଆସି ତା'ର ମୃତ ଶରୀରଟିକୁ ସ୍ଥାନୀୟ ହସପିଟାଲକୁ ନେଇଗଲେ। ଡାକ୍ତରଙ୍କୁ ଡକାଇ ଶବ ବ୍ୟବଚ୍ଛେଦ ପୂର୍ବରୁ ତା'ର ପେଟଚିରି ପିଲାଟିକୁ ବାହାର କଲେ। ପୁତ୍ର ସନ୍ତାନଟିଏ କୁଆଁକୁଆଁ ରାବରେ ଚହଲାଇଦେଲା ସମସ୍ତଙ୍କ ହୃଦୟକୁ। ନର୍ସ ଆସି ଖବରଦେଲା ପୁତ୍ର ସନ୍ତାନଟିଏ ହୋଇଛି। ଏସ.ପି.ପଚାରିଲେ ଜୀବନ୍ତ ନା' ମୃତ। ନର୍ସ କହିଲା ଜୀବନ୍ତ।

**ଗଳ୍ପ: ତାଲାକ୍**

**ଲେଖକ: ପଞ୍ଚାନନ କାନୁନ୍‌ଗୋ**

ସରକାରୀ ନିର୍ଦ୍ଦେଶ ଆସିଗଲାଣି। ଡାକ୍ତରମାନେ ପ୍ରେସ୍‌କ୍ରିପ୍‌ସନ୍‌ରେ ଏଣିକି ଜେନେରିକ୍ ଔଷଧ ସଂପର୍କରେ ଲେଖିବେ। ଡିଲରମାନଙ୍କୁ, ଡାକ୍ତରମାନଙ୍କୁ ଏ ଆଲୋଚନାରେ ଭାଗ ନେବାକୁ ଡକାଯାଇଛି। ବ୍ରାଣ୍ଡ୍ ଔଷଧର ଦାମ୍ ଶହେ ଟଙ୍କା, ଜେନେରିକ୍ ଔଷଧର ଦାମ୍ ଦଶ ଟଙ୍କାରେ ମିଳିବ। ଏକା କାମ। ତେବେ ବହୁତ ପଇସା ଦେଇ ବ୍ରାଣ୍ଡ୍ ମେଡ଼ିସିନ୍ କିଣିବେ କାହିଁକି ?

**ଗଳ୍ପ: ଜେଲ୍‌ରେ ଦେବକୀ**

**ଲେଖିକା: ଉମାରାଣୀ ପାତ୍ର**

ଜେଲ୍‌ର କହିଲେ, ତା'ର ଘରେ ଆଉ କେହି ନାହାନ୍ତି। ତା'ର ସ୍ୱାମୀ ତାକୁ ଛାଡ଼ି ଚାଲିଯାଇଛି। ତା'ର ଦୁଇ ଝିଅଙ୍କୁ ସେ ବିକ୍ରି କରି ଦେଇଛି, ସେଇ ଅପରାଧରେ ସେ ଆଜି ଜେଲ୍‌ରେ।

**ଗଳ୍ପ: ବାପାଙ୍କ ରାଗ**

**ଲେଖକ: ପ୍ରଶାନ୍ତ ନନ୍ଦ**

କିଛିଦିନ ପରେ ରଥବାବୁ ସକାଳ ଚଲାରେ ଚିଫ୍ ଇଞ୍ଜିନିୟରଙ୍କ ସାଙ୍ଗରେ ଏକା ଧାଡ଼ିରେ ଚାଲିଲେ ଆଉ ପ୍ରାତଃଭ୍ରମଣ ପରପର ଗପସପରେ ବି ବେଶ୍ ଭାଗନେଲେ-ଆଉ କୁଣ୍ଠାବୋଧ ନ ଥିଲା-

**ଗଳ୍ପ: ଗୋଟି**

**ଲେଖକ: ଦେବେନ୍ଦ୍ର ନାଥ ମାନସିଂହ**

ମୁଁ ଚାହିଁଥିଲି ଶୋଷଣ ଉପରୁ ସ୍ୱାଧୀନତାର ମୁଖାଟିକୁ କଟୁରିରେ କାଟି ଉଡ଼େଇ ଦେବି। ଖଦଡ଼ର ଏଇ ରଙ୍ଗୀନ ପତାକାକୁ ଜାଳିବି। ଛଳନାର ସମସ୍ତ ସୂତାଖିଅକୁ ଛିଡ଼ାଇ ଦେବି। ଏଇମିତି ଜାଳିବାରେ ହିଁ ଆନନ୍ଦ ଅଛି।

## ଗଳ୍ପ: ଆକାଂକ୍ଷାର ସଂସ୍କାର
## ଲେଖକ: ବ୍ରହ୍ମାନନ୍ଦ ପଣ୍ଡା

ଏ ଦୃଶ୍ୟ ମୋର ଅସହ୍ୟ ହୋଇ ଉଠିଥିଲା। ବୋଧିଦ୍ରୁମ ତଳୁ ତୀର ବେଗରେ ଛୁଟିଯାଇ ମହାରାଜାଙ୍କ ଗଳା ଚିପି ଧରିଲି। ତାଙ୍କର ଆରକ୍ତ, ଶାର୍ଦ୍ଦୂଳ ନେତ୍ରଯୁଗଳ ଫାଟି ପଡ଼ିବାର ଉପକ୍ରମ କରିଚି, କିନ୍ତୁ ଏ କ'ଣ ଦେଖୁଚି!

## ଅନୁବାଦ ଗଳ୍ପ: ନୃତ୍ୟରାସ ପରେ
## ଲେଖକ: ବୈଷ୍ଣବ ଚରଣ ପରିଡ଼ା

ପରଟି ତା' ହାତରୁ ନେଲି ଏବଂ ମୋର ଆଖି ଜରିଆରେ ମନର ଉଚ୍ଛ୍ୱାସ ଆଉ କୃତଜ୍ଞତା ଜଣାଇଲି। କେବଳ ଆନନ୍ଦ ଆଉ ତୃପ୍ତି ଯେ ମନରେ ମୋର ଭରି ଉଠିଥିଲା ତା' ନୁହେଁ, ମୁଁ ନିଜକୁ ମନେ କରୁଥିଲି କୌଣସି ଏକ ସୁଖୀ, ଅପାର୍ଥିବ ପ୍ରାଣୀ ପରି, ଯିଏକି ହିଂସା ଦ୍ୱେଷ କ'ଣ ଜାଣେନା, କାହାର ଉପକାର ଛଡ଼ା ଅପକାର କରି ପାରେନା। ହାତମୋଜାରେ ପରଟିକୁ ଖୋଷି ଦେଇ ଛିଡ଼ା ହୋଇ ରହିଲି। ତାକୁ ଛାଡ଼ିଦେଇ ଯିବାର ଶକ୍ତି ମୋର ନଥିଲା।

## କାଳଜୟୀ : ବୈକୁଣ୍ଠନାଥ ପଟ୍ଟନାୟକ

ସବୁଜ ଯୁଗର କବିମାନଙ୍କ ମଧ୍ୟରେ ବୈକୁଣ୍ଠନାଥ ପଟ୍ଟନାୟକ ଥିଲେ କବିତା-ପଥର ଜଣେ ନିରନ୍ତର ଯାତ୍ରୀ। ସ୍ୱାଧୀନତାପ୍ରେମୀ, ମାନବବାଦୀ, ରହସ୍ୟବାଦୀ ଓ ସମ୍ବେଦନଶୀଳ ବ୍ୟକ୍ତିସତ୍ତାର ଏହି କବିଙ୍କ କବିତାରେ ରହିଛି ବହୁ ଚେତନାର କଥା। ବହୁ ପୌରାଣିକ ଚରିତ୍ର, ବହୁ ଆଦର୍ଶବାଦୀ ଜନନେତାଙ୍କଠାରୁ ଆରମ୍ଭ କରି ଭିକ୍ଷୁ, ଖଣ୍ଡିତା, ରିକ୍ସାବାଲା ଓ ଦିନ ମଜୁରିଆଙ୍କ ପରି ଅବହେଳିତ ଚରିତ୍ରମାନଙ୍କୁ ନେଇ ସେ ରଚନା କରିଛନ୍ତି ଅନେକ କବିତା। ସେ ବାମବାଦରେ ବିଶ୍ୱାସ ରଖିଥିଲେ ଓ ଅନୁପ୍ରାଣୀତ ହୋଇଥିଲେ ମଧ୍ୟ ବୈଷ୍ଣବ ଦର୍ଶନରୁ କେବେ ବିମୁକ୍ତ ହୋଇନଥିଲେ। ଜାଗତିକ ବନ୍ଧନର ଊର୍ଦ୍ଧ୍ୱକୁ ଯାଇ ଆଧ୍ୟାତ୍ମିକ ସ୍ତରରେ ରହସ୍ୟମୟ ସ୍ରଷ୍ଟାଙ୍କ ସହିତ ଆତ୍ମିକ ସମ୍ପର୍କ ସ୍ଥାପନରେ ସେ ଥିଲେ ସଦା ବ୍ୟାକୁଳ। ଏହି କାରଣରୁ ବୋଧହୁଏ ଏହି 'ଯାତ୍ରା ସଙ୍ଗୀତ' କବିତା ବା 'ଜୀବନପାତ୍ର ମୋ ଭରିଛ କେତେ ମତେ' ହେଉଛି ସେହି ନିର୍ଯ୍ୟାସର କାବ୍ୟ ସ୍ଫୁରଣ। ଏହି କାଳଜୟୀ କବିତା ସହିତ କବିଙ୍କର ଏହି କବିତା ଉପରେ ସ୍ୱନାମଧନ୍ୟା କବି ଓ ପ୍ରାବନ୍ଧିକ ପ୍ରଫେସର ଗିରିବାଳା ମହାନ୍ତିଙ୍କର ଏକ ଆଲୋଚନା ଏବଂ କବିଙ୍କ ସମ୍ପର୍କରେ କିଛି କଥନିକା ଉପସ୍ଥାପନ କରୁଛୁ। ଆଶା କରୁଛି, ଆମ କାବ୍ୟ ପରମ୍ପରାର ଏହି ଧୁରୀଣ କାବ୍ୟଶିଳ୍ପୀଙ୍କ ପ୍ରତି 'କାଦମ୍ବିନୀ'ର ଏହି ଶ୍ରଦ୍ଧାର୍ଘ୍ୟକୁ ପ୍ରିୟ ପାଠକ ପାଠିକା ସାନନ୍ଦେ ଗ୍ରହଣ କରିବେ। - ସମ୍ପାଦିକା

## ରୂପରୁ ରୂପୋତ୍ତର ଯାତ୍ରାର ସଙ୍ଗୀତ: ଯାତ୍ରା ସଙ୍ଗୀତ
## ଲେଖିକା : ଗିରିବାଳା ମହାନ୍ତି

ଏଇପରି 'ପରମ୍ପରାହୀନ', ରୂପପ୍ରାଣ ପାଞ୍ଚ ନବଯୁବକ 'ସବୁଜ* କବିଙ୍କ' ମଧ୍ୟରୁ ଜରା-ମରଣ ଶଙ୍କିତ ରୂପଦକ୍ଷ କବି ବୈକୁଣ୍ଠନାଥ ପଟ୍ଟନାୟକ ଅନ୍ୟତମ, ଯିଏ ତାରୁଣ୍ୟର ଉଦ୍‌ବେଳ କାମିତ ହୋଇ ଆସିବା ବେଳକୁ ବନ୍ଧୁ କାଳିନ୍ଦୀ କବିତା-ମନ୍ଦିର 'ପୁରୀ ମନ୍ଦିର' ଗଢ଼ିଲାପରି, ରଚିଥିଲେ ଜୀବନର ଆନନ୍ଦ-ସଙ୍ଗୀତ- 'ଯାତ୍ରା ସଙ୍ଗୀତ'। (*ଓଡ଼ିଆ ସାହିତ୍ୟରେ 'ସବୁଜ' ଶବ୍ଦଟି ଏ କ୍ଷେତ୍ରରେ 'ରୋମାଣ୍ଟିକ' ଅର୍ଥରେ ପ୍ରଚଳିତ।)

## ଯାତ୍ରା ସଙ୍ଗୀତ: ଜୀବନ ପାତ୍ର ମୋ ଭରିଛ କେତେ
## ଲେଖକ : ବୈକୁଣ୍ଠନାଥ ପଟ୍ଟନାୟକ

## କବିତା

ଏଥର କବିତାରେ ରହିଛି: ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ 'ଭର୍ତ୍ତୃହରି ଶୃଙ୍ଗାର ଶତକ', ପ୍ରଦ୍ୟୁମ୍ନ ବଳଙ୍କ 'ଅନ୍ତଃସ୍ୱର', ଯଦୁନାଥ ଦାଶମହାପାତ୍ରଙ୍କ 'ଜେଜେଙ୍କ ନାତି ପ୍ରତି', ପ୍ରସନ୍ନ କୁମାର ପାଟଶାଣୀଙ୍କ 'କବିତା ମୁଁ ଡାକେ ନାହିଁ କବିତା ମୋତେ ଡାକେ', ଦିଲ୍ଲୀପ ଶ୍ରୀଚନ୍ଦନଙ୍କ 'ଗଛ', ବିଷ୍ଣୁ ସେଠୀଙ୍କ 'ଅନନ୍ତ', ସିପ୍ରା ମଲ୍ଲିକଙ୍କ 'ଘାସଫୁଲର ରାସ୍ତା' ଏବଂ ଅରୁଣ କୁମାର ସାହୁଙ୍କ 'ବିଭାଜିତ ବିଭକ୍ତ'।

## ପୁସ୍ତକ ପରିକ୍ରମା

ଏଥର ପୁସ୍ତକ ପରିକ୍ରମାରେ ରହିଛି : ମିଶ୍ର ଧ୍ରୁପଦ, ଅଭିପ୍ରେତ କାଳ, ମିଛଘର, ନିଷିଦ୍ଧ ନିଃଶ୍ୱାସର ନୌକା ଓ ଲକ୍ଷ୍ୟ ରହୁ ମୋର ପଦ୍ମପାଦକ।

## ମନୋରଞ୍ଜନ

ଏ ମାସର ମନୋରଞ୍ଜନ ପୃଷ୍ଠରେ ଅଛି : ରଜରେ ତିନି, ମୁଁ ଖାଣ୍ଟି ଓଡ଼ିଆ ଝିଅ, ଲଭ ୟୁ ନନ୍ଦିନୀ, ତୁ ମୋ ହିରୋ ଏବଂ ତୁ ଯେ ସେହି ନୀଳନୟନା।

## ଚଳନ୍ତିକା

ଏ ମାସର ଚଳନ୍ତିକା ପୃଷ୍ଠାରେ ଅଛି; ଶ୍ରୀ ସମ୍ମାନ ପ୍ରଦାନ ଉତ୍ସବ, ଡ. ଇତି ସାମନ୍ତଙ୍କୁ ଫେଲୋସିପ୍, ମୀନଙ୍କ ପାଇଁ ମିନତି, ଗୀତରେ ଗୌତମ, ଅଙ୍ଗରାଗ ଉତ୍ସବ, ସ୍ମୃତିଆନ୍ ଏବଂ ନୃତ୍ୟାଞ୍ଜଳି।

## ସ୍ୱାସ୍ଥ୍ୟ : ଡିମ୍ବକୋଷର କର୍କଟ ରୋଗ

## ଲେଖିକା : ସରୋଜିନୀ ଷଡ଼ଙ୍ଗୀ

ଡିମ୍ବକୋଷର କର୍କଟ ରୋଗ ଏକ ମାରାତ୍ମକ ସ୍ତ୍ରୀ'ରୋଗ। ଯେକୌଣସି ବୟସର ମହିଳାଙ୍କଠାରେ ଏହା ଦେଖାଯାଏ। ଏହାର ଆକାର ପ୍ରକାର, ଲକ୍ଷଣ, ପରୀକ୍ଷା ଓ ନିଦାନ ସଂପର୍କରେ ଏହି ସ୍ୱାସ୍ଥ୍ୟାଲେଖ୍ୟ।

## ସୌନ୍ଦର୍ଯ୍ୟ: କେଶର ଯତ୍ନ

ସୁନ୍ଦର କେଶ ହେଉଛି ନାରୀ ସୌନ୍ଦର୍ଯ୍ୟର ଶ୍ରେଷ୍ଠ ଉପାଦାନ। ଏହା ହିଁ ନାରୀଙ୍କୁ ସର୍ବଦା ଆକର୍ଷଣୀୟ କରି ଗଢ଼ିତୋଳିଥାଏ। ସୁସ୍ଥ, ସୁନ୍ଦର ଓ ଘନ କେଶ ନାରୀକୁ ଅନନ୍ୟ ରୂପ ପ୍ରଦାନ କରିଥାଏ। ପ୍ରକୃତି ଅନୁଯାୟୀ ତ୍ୱଚାର ଯେପରି ଯତ୍ନ ନେବାକୁ ପଡ଼ିଥାଏ; ସେହିପରି କେଶର ମଧ୍ୟ ଉପଯୁକ୍ତ ଯତ୍ନ ନେଲେ କେଶର ଘନତ୍ୱ ବୃଦ୍ଧି ପାଇବା ସହ ନାରୀ ସୌନ୍ଦର୍ଯ୍ୟର ଆକର୍ଷଣ ବୃଦ୍ଧି ହୋଇଥାଏ। ନାରୀ ସୌନ୍ଦର୍ଯ୍ୟର ଅନୁପମ ଉପାଦାନ 'କେଶ'ର ପ୍ରକୃତିକୁ ଜାଣି ସେହି ଅନୁରୂପ କିଭଳି ଯତ୍ନ ନିଆଯାଇପାରିବ, ଆସନ୍ତୁ ଜାଣିବା ଏହି ସୌନ୍ଦର୍ଯ୍ୟାଲେଖ୍ୟରୁ।

## ରାଶିଫଳ ଓ ତିଥି-ବାର-ବେଳା

ଜୁଲାଇ ମାସର ଭାଗ୍ୟଫଳ ସାଙ୍ଗକୁ ଜୁଲାଇ ଓ ଅଗଷ୍ଟ ମାସରେ ପଡୁଥିବା ବିଭିନ୍ନ ପର୍ବପର୍ବାଣି, ଜନ୍ମତିଥି ଇତ୍ୟାଦି ରହିଛି।

## ଆମ ରୋଷେଇ

ଏ ମାସର ରୋଷେଇ ପୃଷ୍ଠାରେ ଅଛି : ଆମ୍ବ କ୍ଷୀରୀ, ପଣସ ପୋଡ଼ପିଠା,  ମୂଳା ମକାରୁଟି, ଜହ୍ନିଚୋପା ଚଟଣି, ସାଗୁ ଉପମା ଏବଂ କାଜୁ ଜହ୍ନି ପୋସ୍ତ।

## ଘରକରଣା

ଏଥର ମଧ୍ୟ ଘରକରଣାରେ ରହିଛି କେତୋଟି ଘର ଉପଯୋଗୀ ଟିପ୍ସ।

## ରୂପଚର୍ଯ୍ୟା

ଏଥର ମଧ୍ୟ ରୂପଚର୍ଯ୍ୟାରେ ରହିଛି କେତୋଟି ରୂପ ଉପଯୋଗୀ ଟିପ୍ସ।

## ସ୍ୱାସ୍ଥ୍ୟ ସୂଚନା: ଅର୍ଶ ବା ପାଇଲ୍ସ

ଆମର ଏହି ଆଧୁନିକ ଜୀବନଧାରାରେ ଅଭ୍ୟସ୍ତ ଅଧିକାଂଶ ବ୍ୟକ୍ତି ଅର୍ଶ ବା ପାଇଲ୍ସରେ ଆକ୍ରାନ୍ତ ହେଉଛନ୍ତି। ଏବେ ନାରୀ ପୁରୁଷଠୁ ଆରମ୍ଭ କରି ସାନରୁ ବଡ଼ ପର୍ଯ୍ୟନ୍ତ ସବୁବର୍ଗର ଲୋକେ ଏଥିରେ ପୀଡ଼ିତ ହେଉଛନ୍ତି। ଗବେଷଣାରୁ ଜଣାଯାଇଛି ଯେ ଅନିୟମିତ ଭାବେ ମଳ ତ୍ୟାଗ କରିବା, ବିଳମ୍ବରେ ଭୋଜନ କରିବା, ଅସ୍ୱାସ୍ଥ୍ୟକର ଖାଦ୍ୟ ବିଶେଷକରି ଫାଷ୍ଟଫୁଡ ଓ ତନ୍ତୁ ବିହୀନ ଖାଦ୍ୟ ଖାଇବା, ଅନିୟମିତ ଓ ଅସମାପ୍ତ ନିଦ୍ରା, ଭୋକରେ ବେଶି ସମୟ ବିତାଇବା ଓ ମେଦବହୁଳତା ପ୍ରଭୃତି କାରଣରୁ ଏହି ଅର୍ଶ ରୋଗ ହୋଇଥାଏ। ସବୁବେଳେ ଅସ୍ଥିରତା ଓ ଚାପ ଭିତରେ ଦିନ ବିତାଇବା, ବଂଶାନୁକ୍ରମିକ କାରଣ, ଗର୍ଭାବସ୍ଥା ଓ ବାର୍ଦ୍ଧକ୍ୟ ହେତୁ ମଧ୍ୟ ଏହା ଦେଖାଯାଇଥାଏ। ମଳଦ୍ୱାର ନିକଟରେ ହେଉଥିବା ଏହି ଅର୍ଶ ସାଧାରଣତଃ ଦୁଇ ପ୍ରକାରର। ଗୋଟିଏ ଆଭ୍ୟନ୍ତରୀଣ ହୋଇଥିବା ବେଳେ ଅନ୍ୟଟି ବାହ୍ୟସ୍ତରରେ ହୋଇଥାଏ।

■■■